**ରଥ ଚମ୍ପିୟାମ ଅନୁସୂଚିତ ଜନଜାତି ମଣ୍ଡଳ ସଭାପତି ମନୋନୀତ**

କଣିହାଁ,(ସଚ୍ଚିଦାନନ୍ଦ ପ୍ରଧାନ): କଣିହାଁ ବ୍ଲକ ପବିତ୍ରନଗର ମଣ୍ଡଳର ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ଭାବେ ରଥ ଚମ୍ପିୟାମ ମନୋନୀତ ହୋଇଛନ୍ତି। ଅନୁଗୋଳ ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ମଣ୍ଡଳ ସଭାପତି ପ୍ରହ୍ଲାଦ ସାମଲଙ୍କ ପରାମର୍ଶକ୍ରମେ ସେ ମନୋନୀତ ହୋଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଯାତ୍ରା ଚାଲିଥିବା ବେଳେ ଯୁବକଙ୍କୁ ଛୁରାମାଡ଼

ଚାନ୍ଦବାଲି,୧୮।୨(ଅଶୋକକୁମାର ପଣ୍ଡା) ବାଂଶଡ଼ା ଥାନା ଅଧୀନ ଚରଦିଆ ପଞ୍ଚାୟତର ତ୍ରିନାଥ ବଜାର ସାର୍ବଜନୀନ ସରସ୍ୱତୀ ପଡ଼ିଆରେ ଶନିବାର ରାତିରେ ଯାତ୍ରା ଚାଲିଥିବା ବେଳେ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ସେ ହେଲେ ଓରାସାହି ପଞ୍ଚାୟତ ନେଡୁଆଳି ଗାଁର ପ୍ରକାଶ ମାଝୀ। ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଧାମରା ଅଞ୍ଚଳର ଜଣେ ଯୁବକ ଓ ତାଙ୍କ ସହଯୋଗୀ ପ୍ରକାଶଙ୍କୁ ଛୁରାମାଡ଼ କରିଥିବା ଜଣାପଡ଼ିଛି। ଜଣଙ୍କୁ ଗ୍ରାମବାସୀ କାବୁ କରି ବାଂଶଡ଼ା ଥାନାକୁ ଖବର ଦେଇଥିଲେ। ଅନ୍ୟ ଜଣକ ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ଗ୍ରାମବାସୀ କାବୁ କରିଥିବା ଯୁବକଙ୍କୁ ହେପାଜତକୁ ନେଇ ଅଟକ ରଖିଛି।

# ଜୟଗୋପାଳ ମଠ ପରିଦର୍ଶନ କଲା ଐତିହ୍ୟ ପଦଯାତ୍ରୀ ଦଳ

ଢେଙ୍କାନାଳ,୧୮।୨(ରତନ ନାୟାର)

ଢେଙ୍କାନାଳ ସହର ଜୟଗୋପାଳ ସାହିରେ ଢେଙ୍କାନାଳ ଗଡଜାତର ଅତୀତ ଇତିହାସର ଗୌରବମୟ ଅଧ୍ୟାୟର ମୁକସାକ୍ଷୀ ଭାବେ ଦଣ୍ଡାୟମାନ ରହିଛି ଜୟଗୋପାଳ ମଠ। ଗୌଡ଼ିୟ ବୈଷ୍ଣବ ସମ୍ପ୍ରଦାୟର ଏହି ମଠରେ ଶ୍ରୀକୃଷ୍ଣ ଓ ଶ୍ରୀରାଧା ପୂଜା ପାଉଛନ୍ତି। କଳା ମୁଗୁନି ପଥରରେ ନିର୍ମିତ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତିମା ଓ ଅଷ୍ଟଧାତୁରେ ନିର୍ମିତ ଶ୍ରୀରାଧାଙ୍କ ପ୍ରତିମା ଲାବଣ୍ୟମୟ ଗଢଣ ଅତ୍ୟନ୍ତ ଚିତ୍ତାକର୍ଷକ। ଢେଙ୍କାନାଳର ଆଧାତ୍ମିକ ଇତିହାସରେ ଜୟଗୋପାଳ ମଠର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଢେଙ୍କାନାଳ ଗଡଜାତ ରାଜ୍ୟର ସମସ୍ତ ରାଜାମାନେ ଗଭୀର ଧର୍ମବିଶ୍ୱାସୀ ଏବଂ ଆଧାତ୍ମିକ ପରାୟଣ ଥିବାରୁ ଗଡ ଓ ଅନ୍ୟାନ୍ୟ ଅଞ୍ଚଳରେ ଅନେକ ମଠ ଓ ମନ୍ଦିରମାନ ପ୍ରତିଷ୍ଠା କରି ସେବା ଓ ପୂଜା ପାଇଁ ବିପୁଳ ଭୂସମ୍ପତ୍ତି ଖଞ୍ଜି



ଜୟଗୋପାଳ ମଠ ପରିସରରେ ପଦଯାତ୍ରୀ ଦଳ।

ଦେଇଥିଲେ। ସେହିପରି ଏକ ବୈଷ୍ଣବ ମଠ ହେଉଛି ଜୟଗୋପାଳ ମଠ। ଗବେଷକଙ୍କ ମତରେ ଏହି ମଠଟି ଢେଙ୍କାନାଳ ପୂର୍ବତନ ରାଜା ଦୀନବନ୍ଧୁ ମହିନ୍ଦ୍ର ବାହାଦୁରଙ୍କ ଶାସନ କାଳରେ ସ୍ଥାପନ କରାଯାଇଥିଲା। ପଡୋଶୀ ଆଠଗଡ ରାଜାଙ୍କ ସହିତ ହୋଇଥିବା ଏହି ଯୁଦ୍ଧରେ ବିଜୟଲାଭ କଲାପରେ ତତ୍କାଳୀନ ରାଜା ଏହାକୁ ସ୍ମରଣୀୟ କରିବା ପାଇଁ ଏହି ମଠଟି ସ୍ଥାପନ କରି ଏହାର ନାମ ଜୟଗୋପାଳ ମଠ ରଖିଥିଲେ। ଦୈନନ୍ଦିନ ନୀତି ଓ ପୂଜା ପାର୍ବଣ ପାଇଁ ସାନ ଷାଠିଏ ବାଟିଆରେ ୭୫ଏକର ଓ ଲୋଚାପଲି ଗ୍ରାମରେ ଶତାଧିକ ଏକର ଭୂସମ୍ପତ୍ତି ରାଜା ଖଞ୍ଜି ଦେଇଥିଲେ। ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ରବିବାର ୧୧୧ଶ ସଂସ୍କରଣରେ ଇତିହାସର ଏହି ପୁରାତନ ମଠ ପରିଦର୍ଶନରେ ରବିବାର ସକାଳେ ଐତିହ୍ୟ ପଦଯାତ୍ରୀ ମାନେ ପହଞ୍ଚି ଥିଲେ। ମଠର ମୁଖ୍ୟ ପୂଜକ ସନ୍ତୋଷ କୁମାର ଦେବତା ପଦଯାତ୍ରୀ ମାନଙ୍କୁ ସ୍ୱାଗତ କରିବା ସହ ମଠର ଇତିହାସ, ପରମ୍ପରା ଓ ରୀତିନୀତି ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ଶିକ୍ଷାବିତ ଡ. ଭବାନୀ ଶଙ୍କର ମିଶ୍ର, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, କଟକ ହେରିଟେଜ୍ ୱାକର ଆବାହକ ଦୀପକ ସାମନ୍ତରାୟ, ଜିତେନ୍ଦ୍ରିୟ ସିଂ, ଦିପା ସାମନ୍ତରାୟ, ବିପିନ ବିହାରୀ ପାଣି, ଲକ୍ଷ୍ମୀ ନାରାୟଣ ତ୍ରିପାଠୀ, ବଦ୍ରିନାଥ ଜେନା, ସ୍ୱର୍ଣ୍ଣପ୍ରଭା ସେଠୀ, ସୁନିତା ମହାପାତ୍ର, ଅଧ୍ୟାପକ ଶାନ୍ତନୁ ନାୟକ, ରମେଶଚନ୍ଦ୍ର ପତି, ଆଦିତ୍ୟ ମିଶ୍ର, ବିଷ୍ଣୁପ୍ରିୟା ମହାଳିକ, ବିକାଶ ପ୍ରଧାନ, ବିଶ୍ୱଜିତ୍ ଶତପଥୀ, ଡ. ମଳୟ ରଞ୍ଜନ ପତି, ଅକ୍ଷୟ କୁମାର ସେନାପତି ଓ ଢେଙ୍କାନାଳ ମହାବିଦ୍ୟାଳୟର ଐତିହ୍ୟପ୍ରେମୀ ଛାତ୍ରୀଛାତ୍ର ମାନେ ଏହି ପଦଯାତ୍ରାରେ ଯୋଗ ଦେଇଥିଲେ।

# ୭୭ ୟୁନିଟ୍ ରକ୍ତ ସଂଗୃହୀତ

ଓଡ଼ାପଡ଼ା,୧୮।୨(ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଗୁଡିଆକାଟେଣି ଛକ ନିକଟସ୍ଥ ଚୌଧୁରୀମଲରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିକ୍ଷାବତ୍ ରବିନାରାୟଣ ମିଶ୍ର ଓ ରକ୍ତଦାତା ସଂଘ ସଭାପତି ବିରଞ୍ଚି ନାରାୟଣ ପାଣି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଢେଙ୍କାନାଳ ରକ୍ତ ଭଣ୍ଡାର ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ରାକେଶ ବେହେରା, ତପନ ଜେନା, ଅଜୟ ସ୍ୱାଇଁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ୭୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବିଶ୍ୱରଞ୍ଜନ ସାହୁ, ବିମ୍ଳେଶ ରଞ୍ଜନ ସାହୁ, ବିକାଶ ରଞ୍ଜନ ସାହୁ, ପରିଚାଳନା କରିଥିଲେ।



ରକ୍ତଦାନ ଶିବିରରେ ଉପସ୍ଥିତ ଅତିଥିମାନେ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ




ଢେଙ୍କାନାଳ,୧୮।୨ (ରତନ ନାୟାର)

ଢେଙ୍କାନାଳ ଗଁଦିଆ ବ୍ଲକ ଲାଉଲଇଠାରେ ନେହେରୁ ଯୁବକେନ୍ଦ୍ର ଓ ପ୍ରିୟସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଫୁଟବଲ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ମା' ମଙ୍ଗଳା ଫୁଟବଲ ଦଳ ଓ ବୈଦ୍ୟକାଟେଣୀ ମଦନ ମୋହନ ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମା' ମଙ୍ଗଳା ଫୁଟବଲ ଦଳ ବୈଦ୍ୟକାଟେଣୀ ମଦନ ମୋହନ ଫୁଟବଲ ଦଳକୁ ୨-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ମା' ମଙ୍ଗଳା ଦଳକୁ ସାମାଜିକ କର୍ମୀ ନିରୋଜ ନଳିନୀ ମହାଳିକ ଓ ବାବୁଚାନ୍ଦ ମହାଳିକ ଟ୍ରଫି ପ୍ରଦାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଟଙ୍ଗଧର ବାରିକ ପରିଚଳନା କରିଥିଲେ।

## ନିଖୋଜ ଯୁବକଙ୍କ ମୃତଦେହ ଡ୍ରେନ୍‌ରୁ ଜବତ

ଘସିପୁରା(ନିରଞ୍ଜନ ସାହୁ)/ଆନନ୍ଦପୁର (ଉମେଶ ଚନ୍ଦ୍ର ପାଢ଼ି),୧୮।୨

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ୭ ନଂ. ୱାର୍ଡ଼ର ଜଣେ ଯୁବକଙ୍କ ମୃତଦେହ ଡ୍ରେନ୍‌ରୁ ଜବତ ହୋଇଛି। ମୃତକ ହେଲେ କେ.ଏନ. ପାପା ରାଓଙ୍କ ପୁଅ ମୂର୍ତ୍ତି ରାଓ(୪୦)। ସେ ୨ ଦିନ ହେବ ନିଖୋଜ ଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ, ମୂର୍ତ୍ତିଶୁକ୍ରବାର ଫୁଲ ତୋଳିବାକୁ ଆସି ଆଉ ଫେରି ନ ଥିଲେ। ମୂର୍ତ୍ତି ଅଧିକାଂଶ ସମୟରେ ବାହାରେ ରହୁଥିବାରୁ ଖୋଜାଖୋଜି କରି ନ ଥିଲେ। ରବିବାର ପିଲାମାନେ ଖେଳିବା ସମୟରେ ମୃତଦେହ ଡ୍ରେନ୍‌ରେ ଭାସୁଥିବା ଦେଖିଥିଲେ। ପରିବାର ଲୋକେ ପହଞ୍ଚି ମୂର୍ତ୍ତିଙ୍କୁ ଚିହ୍ନଟ କରିଥିଲେ। ଆନନ୍ଦପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ଆନନ୍ଦପୁର ଆମ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ପୌରପରିଷଦ ପକ୍ଷରୁ ୭ ନଂ. ୱାର୍ଡ଼ ଦଶରାପଦା ସାହି ଦେଇ ଯାଇଥିବା ମୁଖ୍ୟ ଡ୍ରେନ୍ ମୁକୁଳା ରହିବା କାରଣରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି କାଉନ୍‌ସିଲର କୃଷ୍ଣଚନ୍ଦ୍ର ରଣା ଅଭିଯୋଗ କରିଛନ୍ତି।

# ବୃଦ୍ଧଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ଘଟଣା: ୨ କୋର୍ଟଚାଲାଣ

କାମାକ୍ଷାନଗର,୧୮।୨ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା ମରୁଆବିଲି ପଞ୍ଚାୟତ କଣ୍ଡାର ଗ୍ରାମର ଧର୍ମାନନ୍ଦ ଦେହୁରୀ (୬୫)ଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ଘଟଣାରେ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସେହି ଗ୍ରାମର ଶ୍ରୀଧର ଦେହୁରୀ ଓ ତାଙ୍କ ବଡ଼ ଭାଇ ଲକ୍ଷ୍ମୀଧର ଦେହୁରୀ। ପୂର୍ବଶତ୍ରୁତା, ଗୁଣିଗାରେଡି ଓ ପରିବାର ମହିଳାଙ୍କ ଉପରେ ଖରାପ ନଜର ରଖିବାରୁ ଧର୍ମାନନ୍ଦଙ୍କୁ ହତ୍ୟା କରାଯାଇଥିବା ରବିବାର ଅପରାହ୍ନରେ କାମାକ୍ଷାନଗର ଥାନାରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

ଏସ୍‌ଡିପିଓ କହିଛନ୍ତି, ଗତ ୧୬ ତାରିଖ ଦିନ ଧର୍ମାନନ୍ଦ ଘରୁ ଆସିଥିବାବେଳେ ଆଉ ଘରକୁ ଫେରି ନ ଥିଲେ। ବିଳମ୍ବିତ ରାତିଯାଏ ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ୧୭ ତାରିଖ ସକାଳୁ ଘରଠୁ କିଛିଦୂରରେ ଧର୍ମାନନ୍ଦଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଶନିବାର ଧର୍ମାନନ୍ଦଙ୍କ ସ୍ତ୍ରୀ ପଦ୍ମାବତୀ ଦେହୁରୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୩୮/୨୪ରେ ଏକ ମାମଲା ରୁଜୁ କରି ସେହି ଗ୍ରାମର ଶ୍ରୀଧର ଦେହୁରୀଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପୂର୍ବ ଶତ୍ରୁତା, ଗୁଣିଗାରେଡି ଓ ପରିବାର ମହିଳାଙ୍କ ଉପରେ ଖରାପ ନଜର ରଖିବାକୁ ନେଇ ଶ୍ରୀଧର ଏକ ଟଙ୍ଗିଆରେ ଧର୍ମାନନ୍ଦଙ୍କୁ ହାଣି ହତ୍ୟା କରିଥିଲେ। ପରେ ମୃତଦେହକୁ ତାଙ୍କ ବଡ଼ ଭାଇ ଲକ୍ଷ୍ମୀଧରଙ୍କ ସହିତ ମିଶି ଘୋଷାଡି ଘୋଷାଡି ଘରଠାରୁ ୧୦୦ ମିଟର ଦୂର ଜଙ୍ଗଲ ଭିତରକୁ ନେଇ ପକାଇ ଦେଇଥିବା ଏସ୍‌ଡିପିଓ ପ୍ରକାଶ କରିଛନ୍ତି। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଙ୍କଡାହାଡ଼ ଥାନା ଅଧିକାରିଣୀ କଳ୍ପନା ବେହେରା, କାମାକ୍ଷାନଗର ଥାନା ଅଧିକାରୀ ଧୀରେନ କୁମାର ବେହେରା ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ପୋଲିସ ୨ ଅଭିଯୁକ୍ତଙ୍କୁ ହାଜର କରାଇଛି।

# ଶୃଙ୍ଖଳା ଅନୁଯାୟୀ କାର୍ଯ୍ୟ କଲେ ସଫଳତା ମିଳିବ



ଅତିଥିମାନେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

କଣିହାଁ,୧୮।୨(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ କୁଲୁମା ପଞ୍ଚାୟତ ଖୁଣ୍ଡ ଗ୍ରାମ ନିକଟସ୍ଥ ଶଙ୍ଖଜ୍ୟୋତି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଫେସର ସଦାଶିବ ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗଦେଇ ଶୃଙ୍ଖଳା, ଅନୁଶାସନ ଅନୁଯାୟୀ କାର୍ଯ୍ୟ କଲେ ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିପାରିବେ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ଫକିର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଭାଇସ ଚାନ୍ସେଲର ପ୍ରଫେସର ଶିବପ୍ରସାଦ ଅଧିକାରୀ, ସମ୍ମାନିତ ଅତିଥି ଭାବେ ଓଏଚ୍‌ପିସିର ବରିଷ୍ଠ ସାଧାରଣ ପରିଚାଳକ ରଞ୍ଜନ କୁମାର ପରିଡ଼ା, ଡିଜିଏମ୍ ସୁବ୍ରତ କୁମାର ଷଡଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବ ପ୍ରାରମ୍ଭରେ ମୁଖ୍ୟ ଅତିଥି କୁଲୁମା ପଞ୍ଚାୟତ ନୀଳାପଶି ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଚିନ୍ତାମଣି ସାହୁଙ୍କ ସ୍ତ୍ରୀ ବୁଧେଇ ସାହୁ (୯୫) ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ଅଧକ୍ଷ ପବିତ୍ର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।

## କାର୍ ଉପରକୁ ଗୁଳିମାଡ଼ କରି ଲୁଟ

ପାଟଣା,୧୮।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅଧୀନ ୪୯ନଂ. ଜାତୀୟ ରାଜପଥର ଖିରେଇଟାଙ୍ଗିରି ଟୋଲ ଗେଟ୍ ନିକଟରେ ରବିବାର ଲୁଟ୍ ହୋଇଛି। ୧୩ ଜଣ ଦୁର୍ବୃତ୍ତ ଆସି ଏକ ଚଳନ୍ତା କାର୍ ଉପରକୁ ଗୁଳିମାଡ଼ କରି ୧୫ ହଜାର ଟଙ୍କା ନେଇଯାଇଛନ୍ତି। ଏ ନେଇ ଲୁଟ୍‌ର ଶିକାର ହୋଇଥିବା ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ସାତପୌତିଆର ସେକ୍ ଅହମ୍ମଦ ହୁସେନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଅହମ୍ମଦ ଅନୁଗୋଳରୁ ଜଣେ ବନ୍ଧୁଙ୍କ କାର୍ ଯୋଗେ ଡ୍ରାଇଭର ସହ ଫେରୁଥିଲେ। କେନ୍ଦୁଝର ନିକଟରୁ ଏକ ବୋଲେରୋ, ଡିଜେଆର କାର୍ ଓ ୨ ବାଇକ୍‌ରେ ୧୩ ଦୁର୍ବୃତ୍ତ ତାଙ୍କ କାରକୁ ପିଛା କରିଥିଲେ। ଦୁର୍ବୃତ୍ତମାନେ ଖିରେଇଟାଙ୍ଗିରି ଟୋଲଗେଟ୍ ନିକଟରେ ତାଙ୍କ କାର୍ ଉପରକୁ ଅତର୍କିତ ଗୁଳି କରିଥିଲେ।

# ପଥରରେ ପିଟିହେଲା ବାଇକ୍, ଛାତ୍ର ମୃତ

## ଅଧୁରାରେ ତାରିଣୀ ଦର୍ଶନ

କେନ୍ଦୁଝର,୧୮।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୨୦ର ଜୁଡ଼ିଆ ଘାଟିରେ ରବିବାର ସଡ଼କ ଦୁର୍ଘଟଣାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ୍ କୁସୁମି ଗ୍ରାମର ଓମ ପ୍ରକାଶ ନାୟକ(୨୧)। ସେ ସରାଙ୍ଗ ଇନ୍ଦିରାଗାନ୍ଧୀ ଆଇଜିଆଟିରେ ମେକାନିକାଲ ଡିପ୍ଲୋମାରେ ଦ୍ୱିତୀୟ ବର୍ଷ ଛାତ୍ର। ସେ ଏକ ମାତ୍ର ପୁଅ ହୋଇଥିବା ବେଳେ ତାଙ୍କ ବିୟୋଗରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି।



ସୂଚନା ଅନୁଯାୟୀ, ଓମ ପ୍ରକାଶ ରବିବାର ତାଙ୍କ ସାଙ୍ଗ ଶକ୍ତିରଞ୍ଜନ ସାହୁ(୨୨), ରିତେଶ ସାହୁ(୧୭), ଶୁଭ୍ରଜ୍ୟୋତି ସାହୁ(୧୮), ଚନ୍ଦ୍ରମଣୀ ମୁର୍ମୁ(୨୩), ପିଣ୍ଟୁ ନାୟକ(୨୨) ଏବଂ ଅମ୍ବୁଜ ଚରଣ ବିଶ୍ୱାଳ ଘଟଗାଁ ମା' ତାରିଣୀ ପୀଠକୁ ୩ ବାଇକ୍ ଯୋଗେ ଭୋର ସମୟରୁ ବାହାରିଥିଲେ। ଜୁଡ଼ିଆ ଘାଟି ରାସ୍ତାରେ ଘନ କୁହୁଡ଼ିରେ ଏକ ଟ୍ରକ୍ ଆଗକୁ ଚାଲି ଆସିବାରୁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଏକ ପଥରକୁ ଧକ୍କା ଦେଇ ଛିଟିକି ପଡ଼ିଥିଲେ। ପଛରେ ଆସୁଥିବା ତାଙ୍କ ସାଙ୍ଗମାନେ ତାଙ୍କୁ ଉଦ୍ଧାର କରି ଏକ କାରରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଓମ ପ୍ରକାଶଙ୍କ ମୃତ୍ୟୁ ଘଟିଥିଲା। ବାଇକ୍ ଚଲାଉଥିବା ଅମ୍ବୁଜ ଚରଣ ହେଲମେଟ୍ ପିନ୍ଧି ଥିବାରୁ ସାମାନ୍ୟ ଆହତ ହୋଇଛନ୍ତି। ଟାଉନ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ (ଓଡି ୦୬ ଜେ ୫୯୧୬) ଜବତ୍ କରି ଏକ ମାମଲା(ନଂ.୩୬/୨୦୨୪) ରୁଜୁକରିଛି। ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି।

# ନିଷ୍ଠାପର ସେବା ପାଇଁ ଇନ୍ଦ୍ରମଣି ମନେରହିବେ

ଢେଙ୍କାନାଳ,୧୮।୨(ରତନ ନାୟାର)

ଢେଙ୍କାନାଳ ବିଜୁ ଜନତା ଦଳର ନଗର ସଭାପତି ତଥା ଢେଙ୍କାନାଳ ପୌର ପରିଷଦର ପୂର୍ବତନ ଅଧକ୍ଷ ଇନ୍ଦ୍ରମଣି ବେହେରା(୬୬)ଙ୍କ ପରଲୋକରେ ଶନିବାର ସନ୍ଧ୍ୟାରେ ଜିଲା ବିଜେଡି କାର୍ଯ୍ୟାଳୟଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶୋକସଭାରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଢେଙ୍କାନାଳ ଜିଲା ବିଜେଡିସଭାପତି ତଥା ପରଜଙ୍ଗ ବିଧାୟକ ଡ ନୃସିଂହ ଚରଣ ସାହୁ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦେବୀ ପ୍ରସାଦ ଭୂତିଆ ଯୋଗଦେଇ ସ୍ୱର୍ଗତ ଇନ୍ଦ୍ରମଣି ବେହେରାଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ତାଙ୍କର ସ୍ମୃତିଚାରଣ କରିଥିଲେ। ଏଥିସହିତ ନିଜର କର୍ତବ୍ୟ ଏବଂ ନିଷ୍ଠାପର ସେବା ପାଇଁ ଇନ୍ଦ୍ରମଣି ଚିରସ୍ମରଣୀୟ ହୋଇ ରହିବେ ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ


ଶୋକସଭାରେ ଯୋଗଦେଇଥିବା ଖଣିମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

ମଧ୍ୟରେ ଜିଲା ବିଜେଡି ଉପସଭାପତି ଲକ୍ଷ୍ମୀଧର ସାହୁ, ରାଜ୍ୟ ମହିଳା ଉପସଭାପତି ସାଇଶ୍ରୀ ପଟ୍ଟନାୟକ, ଜିଲା ଆଇନସେଲ ସଭାପତି ଗୋପାଳଚନ୍ଦ୍ର ପାତ୍ର, ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡା, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଶଶିକାନ୍ତ ମିଶ୍ର, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ଢେଙ୍କାନାଳ ପୌରପରିଷଦ ଉପାଧକ୍ଷ ପ୍ରକାଶଚନ୍ଦ୍ର କୁଅଁର, ପୂର୍ବତନ ନଗରପାଳ ସୁଧାଂଶୁ ଦଳେଇ, ଜିଲା ସମ୍ପାଦକ ଗଙ୍ଗାଧର ରାଉତ, ରଞ୍ଜନ ନାୟକ, ବିଧାୟକଙ୍କ ପ୍ରତିନିଧି ଅଜୟ ଭଞ୍ଜ ପ୍ରମୁଖ ଉପସ୍ଥିତ ରହି ଇନ୍ଦ୍ରମଣି ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ବେହେରାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ୨୧ରେ ଜାତୀୟ ଗୋଲକ ବିହାରୀ ଧଳ ଭାଷା ସମାବେଶ

ଢେଙ୍କାନାଳ,୧୮।୨(ରତନ ନାୟାର)

ଢେଙ୍କାନାଳ ଗୋପବନ୍ଧୁ ଟାଉନହଲଠାରେ ଆସନ୍ତା ୨୧ ତାରିଖରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ବିଶ୍ୱ ବିଖ୍ୟାତ ଭାଷା ବିଜ୍ଞାନୀ ବିଶିଷ୍ଟ ଧ୍ୱନିତତ୍ତ୍ୱବିତ୍ ଶିକ୍ଷାବିତ୍ ଏବଂ ସାହିତ୍ୟିକ ସ୍ୱର୍ଗତ ପ୍ରାଧ୍ୟାପକ ଗୋଲକ ବିହାରୀ ଧଳଙ୍କ ସ୍ମୃତିରେ ଏକ ଜାତୀୟସ୍ତରୀୟ ଭାଷା ସମାବେଶ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ରବିବାର ନୂଆ ପୋଖରୀସ୍ଥିତ ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠାନ କାର୍ଯ୍ୟାଳୟ ପରିସରରେ ବିଶ୍ୱ ଓଡିଶା ଓ ଗୋଲକ ବିହାରୀ ଧଳ ସ୍ମୃତି ପରିଷଦ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସଙ୍କ ଆବାହକତ୍ୱ ଏବଂ ବରିଷ୍ଠ ଆଇନଜୀବୀ ଦିପ୍ତିଶ ପ୍ରସାଦ




ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ଉପାଧ୍ୟକ୍ଷ ଅପର୍ତ୍ତି ନାୟକ ଓ ପ୍ରଫେସର ଗୋଲକ ବିହାରୀ ଧଳ, ସ୍ମୃତି ସଂସଦ ଓ ବିଶ୍ୱ ଓଡିଶା ଭୁବନେଶ୍ୱର ସମ୍ପାଦକ ମନୋଜ କୁମାର ସାହୁ ଯୋଗଦେଇ କହିଲେ, ମାତୃଭାଷା ପାଇଁ ସମର୍ପିତ ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମ ସକାଳ ୮ଟାରୁ ସହରସ୍ଥିତ ବାଜିଚୌକଠାରୁ ଭାଷା ପ୍ରେମୀ ଜନସାଧାରଣଙ୍କୁ ନେଇ ଏକ ପଦଯାତ୍ରାରୁ ଆରମ୍ଭ ହେବ। ପୂର୍ବାହ୍ନ ସାଢେ ୧୦ଟାରେ ଉଦ୍‌ଘାଟନୀ ଅଧିବେଶନରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହେବ। ଏହି ଅବସରରେ ବ୍ୟକ୍ତିତ୍ୱର ବିକାଶରେ ମାତୃଭାଷା ଓ ସାର୍ବଜନୀନ ଶିକ୍ଷା ଉପରେ ଆଲୋଚନା କରାଯିବ। ସେହିପରି ମଧ୍ୟାହ୍ନ ୧୨ଟାରେ ବୈଷୟିକ ଅଧିବେଶନରେ ପ୍ରଫେସର ଗୋଲକ ବିହାରୀ ଧଳଙ୍କ ଜୀବନ ଓ ସୃଜନୀ, ଜୀବନରେ ଭାଷା, ଜୀବିକା ପାଇଁ ଭାଷା, ଶାସନ ପ୍ରଶାସନରେ ମାତୃଭାଷା ସମ୍ପର୍କରେ ଆଲୋଚନା ହେବ। ଅପରାହ୍ନ ୩ଟାରେ ବିଚ୍ଛିନ୍ନ ଓଡିଶାରେ ମାତୃ ଭାଷାର ସ୍ଥିତି ସମ୍ପର୍କରେ ବିଚ୍ଛିନ୍ନ ଓଡିଶାର ଭାଷା ସଂଗ୍ରାମୀମାନେ ମତ ରଖିବେ। ଅପରାହ୍ନ ୪ଟାରେ କବିତା ଆସର 'ଭାଷା ସ୍ରୋତସ୍ୱିନୀ' ଓ ସନ୍ଧ୍ୟା ୫ଟାରେ ସାଧାରଣ ଅଧିବେଶନରେ ପୁରସ୍କାର ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରହିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ସଂଯୋଜିକା ପ୍ରଭାତି ମହାପାତ୍ର ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ମଦ ଜବତ, ଢାବା ମାଲିକ ଗିରଫ

ବଇଣ୍ଡା,୧୮।୨ (ପରିକ୍ଷିତ ସାହୁ)

କିଶୋରନଗର ଥାନା ନୂଆ ସୁସବଠାରେ ଥିବା ଏକ ଢାବା ଉପରେ ଶନିବାର ପୋଲିସ ଚଡାଉ କରି ୩୨ଟି ପାଉଚ ମଦ ଜବତ କରିଛି। ଏହି ଘଟଣାରେ ଢାବା ମାଲିକ ଆଶିଷ ବିଶ୍ୱାଳଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୩୯/୨୪ରେ ଏକ ମାମଲା ରୁଜୁ ହୋଇଥିବା କିଶୋରନଗର ଆଇଆଇସି ବିଭୂତି ପ୍ରଧାନ ସୂଚନା ଦେଇଛନ୍ତି।

# ତୀର୍ଥ ଗଲେ ୧୩୪ ବରିଷ୍ଠ ନାଗରିକ

ଅନୁଗୋଳ,୧୮।୨(ଅମିତ ସାମଲ)

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ଅନୁଗୋଳ ଜିଲାର ୧୩୪ ଜଣ ତୀର୍ଥଯାତ୍ରୀ ରବିବାର ସମ୍ବଲପୁର ଅଭିମୁଖେ ଯାତ୍ରା କରିଛନ୍ତି। ଅପରାହ୍ନରେ ଜିଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ ସ୍ଥାନୀୟ ଶୈଳ ଶ୍ରୀକ୍ଷେତ୍ରଠାରେ ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ସମସ୍ତ ଯାତ୍ରୀ ସମ୍ବଲପୁରରୁ ରେଳ ଯୋଗେ ରାଜସ୍ଥାନର ଆଜମେର ଓ ପୁଷ୍କରକୁ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରତିମୟ ଯୋଗ ଦେଇ ସମସ୍ତ ଯାତ୍ରୀଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ, ଜିଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯାତ୍ରା ପାଇଁ ଉଦ୍ଦିଷ୍ଟ ଏକ ସ୍ୱତନ୍ତ୍ର ଟ୍ରେନକୁ ସମ୍ବଲପୁରରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୨୪ ତାରିଖରେ ସମସ୍ତ ଯାତ୍ରୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡିଛି।



ତୀର୍ଥଯାତ୍ରା କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଜିଲା ପରିଷଦ ଅଧ୍ୟକ୍ଷାଙ୍କ ସମେତ ଅନ୍ୟମାନେ।

## ବିଦ୍ୟୁତ୍ ସଂସ୍ପର୍ଶରେ ହାତ ପୋଡିଯିବା ଘଟଣା: ଥାନାରେ ଅଭିଯୋଗ

ଛେଣ୍ଡିପଦା,୧୮।୨(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ବାଗଡିଆ ଥାନା ସିନ୍ଦୂରପାଳ ଗ୍ରାମର ବିଦ୍ୟୁତ୍ କର୍ମଚାରୀ ଶୁଭ୍ରାଂଶୁ ଦେହୁରୀ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଲାଇନମ୍ୟାନଙ୍କ ଅବହେଳା ଯୋଗୁ ଏଭଳି ଘଟଣା ଘଟିଥିବା ଶୁଭ୍ରାଂଶୁଙ୍କ ବାପା ରୁଷଭ ଦେହୁରୀ ଶନିବାର ବାଗଡିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ଶୁଭ୍ରାଂଶୁ ଛେଣ୍ଡିପଦା ବିଦ୍ୟୁତ୍ ବିଭାଗରେ ନିମ୍ନସ୍ଥ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ଗତ ୧୩ତାରିଖରେ ତେବୁଡ ଗ୍ରାମର ଟ୍ରାନ୍ସଫର୍ମରର ଫିଉଜ ବାନ୍ଧିବା ନିମନ୍ତେ ଶୁଭ୍ରାଂଶୁ ତାଙ୍କ ଲାଇନମ୍ୟାନ ଦୁର୍ଯ୍ୟୋଧନ ପ୍ରଧାନଙ୍କ ସହ ଯାଇଥିଲେ। ଦୁର୍ଯ୍ୟୋଧନଙ୍କ ନିର୍ଦ୍ଦେଶକ୍ରମେ ସେ ବିଦ୍ୟୁତ୍ ଖୁଣ୍ଟରେ ଚଢି ଫିଉଜ୍ ବାନ୍ଧୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତାଙ୍କର ଗୋଟିଏ ହାତ ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ନଂ. ୪୧/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ନୂତନ ସାପ୍ତାହିକ ହାଟ ଉଦ୍‌ଘାଟିତ

ଛେଣ୍ଡିପଦା,୧୮।୨(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ କଣଲୋଇ ପଞ୍ଚାୟତ ରାଜୀବ ଭବନ ଠାରେ ଥିବା ସରକାରୀ ପଡିଆରେ ରବିବାର ଏକ ନୂତନ ସାପ୍ତାହିକ ହାଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ହେମନ୍ତ ସେଠୀ, ପୂର୍ବତନ ସମିତିସଭ୍ୟ ସୁବାସ ଚନ୍ଦ୍ର ମାଝି ଓ ହରେକୃଷ୍ଣ ମାଝି, ଗ୍ରାମ ସଭାପତି ଅନନ୍ତ ଚରଣ ମାଝି, ଗ୍ରାମ ସମ୍ପାଦକ ଧରଣିଧର ମାଝି, କୋଷାଧ୍ୟକ୍ଷ ରାଜକିଶୋର ମାଝି ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣଲୋଇ ସରପଞ୍ଚ ଜନ୍ମେଜୟ ମାଝି, କିଶୋରଚନ୍ଦ୍ର ମାଝି, ଶୁକଦେବ ମାଝି, ଦୋଳ ରଞ୍ଜନ ମାଝି, ସାନନ୍ଦ ମାଝି, ସାଗର ମାଝି, ବିରଞ୍ଚି ମାଝି, ବାବୁ ପଲେଇ, ବାବୁଲି ମାଝି, ବିନୋଦ ମାଝି, ହୀରାଚାନ୍ଦ ମାଝି ପ୍ରମୁଖ ସହଯୋଗ କରିଥିଲେ।


ଛେଣ୍ଡିପଦା ବିଧାୟକ ନୂତନ ସାପ୍ତାହିକ ହାଟକୁ ଉଦ୍‌ଘାଟନ କରୁଛନ୍ତି।

## ଘରୋଇ କଳିକୁ କେନ୍ଦ୍ର କରି ଯୁବକଙ୍କ ଆତ୍ମହତ୍ୟା

ଅନୁଗୋଳ,୧୮।୨ (ଅମିତ ସାମଲ)

ଅନୁଗୋଳ ଟାଉନ ଥାନା ଅନ୍ତର୍ଗତ ହାଟଛକ ମହିଳା ପଡିଆ ସାହିରେ ଶନିବାର ଘରୋଇ କଳିକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଅମିତ ନାଏକ (୩୫)।
ଘଟଣାରୁ ଜଣାପଡ଼ିଛି, କୌଣସି କାରଣରୁ ଅମିତ୍ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ଅମିତ୍ ରଶି ଲଗାଇ ଘରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## କଂଗ୍ରେସରେ ଯୋଗଦେଲେ ଗୋବିନ୍ଦ, ମନୋଜ ଓ ସୂର୍ଯ୍ୟମଣି



ଅନୁଗୋଳ,୧୮।୨(ଅମିତ ସାମଲ)

ଅନୁଗୋଳ ଜିଲା ଛେଣ୍ଡିପଦା ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ରାଜ୍ୟ ପରିଷଦ ସଦସ୍ୟ ଗୋବିନ୍ଦ ନାଏକ, ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ମନୋଜ କୁମାର ସାହୁ ଓ ତାଳଚେର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଜୁ ଜନତା ଦଳର ଯୁବ ସଭାପତି ତଥା ଶ୍ରମିକ ନେତା ସୂର୍ଯ୍ୟମଣି ସାହୁ କଂଗ୍ରେସରେ ସାମିଲ ହୋଇଛନ୍ତି। ସେମାନେ ନିଜର ଶତାଧିକ ସମର୍ଥକଙ୍କ ସହ ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନଠାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ କଂଗ୍ରେସରେ ଯୋଗ ଦେଇଥିଲେ। ଦଳୀୟ ଉତ୍ତରୀୟ ଓ ଫୁଲତୋଡା ଦେଇ ପ୍ରଦେଶ କଂଗ୍ରେସ କମିଟି ସଭାପତି ସମସ୍ତଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଜିଲା କଂଗ୍ରେସ କମିଟି ସଭାପତି ସଂଗ୍ରାମ ମିଶ୍ର, ରାଜ୍ୟ କଂଗ୍ରେସ କମିଟି କାର୍ଯ୍ୟକାରିଣୀ ସଦସ୍ୟ ଅମ୍ବିକା ପ୍ରସାଦ ଭଞ୍ଜଙ୍କ ସମେତ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ।

## ବାଇକ୍, କାର୍ ଜବତ: ୩ ଗିରଫ

ବଇଣ୍ଡା,୧୮।୨ (ପରିକ୍ଷିତ ସାହୁ)

ଠାକୁରଗଡ଼ ଥାନା ନାକିଚି ରୋଡ୍ ନିକଟରେ ଶନିବାର ଠାକୁରଗଡ଼ ପୋଲିସ ପକ୍ଷରୁ ଗାଡିମୋଟର ଯାଞ୍ଚ କରାଯାଇଥିଲା। ମଦ୍ୟପାନ କରି ଗାଡି ଚଳାଉଥିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଆନନ୍ଦପୁର ଗ୍ରାମର ଶରତ ଭୋଇ ଓ ତ୍ରିଲୋଚନ ସାହୁ। ସେମାନଙ୍କଠାରୁ ଏକ ବାଇକ ଓ କାର ଜବତ କରାଯାଇଛି। ଉଭୟ ମଦ୍ୟପାନ କରି କାର ଓ ବାଇକ ଚଲାଉଥିବା ବେଳେ ପୋଲିସ ଯାଞ୍ଚ କରି ସେମାନଙ୍କୁ ଗିରଫ କରିଥିଲା। ଏ ନେଇ ନମ୍ବର ୩୭/୨୪ ଓ ୩୮/୨୪ରେ ମାମଲା ରୁଜୁ ହୋଇଛି। ସେହିପରି କିଶୋରନଗର ପୋଲିସ କିଶୋରନଗର ଠାରେ ଗାଡିମୋଟର ଯାଞ୍ଚ କରି ମଦ୍ୟପାନ କରି ଗାଡି ଚଲାଉଥିବା ଅଭିଯୋଗରେ ଝରାବେରେଣୀ ଗ୍ରାମର ଲୋକନାଥ ଦେହୁରିଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକ ଜବତ କରିଛି।

## ଏଏପି ପକ୍ଷରୁ ଜନସମ୍ପର୍କ ଅଭିଯାନ



ବଇଣ୍ଡା,୧୮।୨ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ନୁନୁକାପଶି, କଣ୍ଟେଇକୋଳିଆ ପଞ୍ଚାୟତର ବଇଣ୍ଡା, ଅଁଳାବେରେଣୀ, କଦଳୀମୁଣ୍ଡା, ଇଚ୍ଛାପୁର ଆଦି ଗ୍ରାମରେ ରବିବାର ଆମ୍ ଆଦମୀ ପାର୍ଟି (ଏଏପି) ପକ୍ଷରୁ ଜନସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ନାଗରିକଙ୍କୁ ଏଏପି ପକ୍ଷରୁ ବିଭିନ୍ନ ବାର୍ତ୍ତା ଦେଇ ସଚେତନତା କରାଯାଇଥିଲା। ଏଥିରେ ଏଏପିର ପର୍ଯ୍ୟବେକ୍ଷକ ବିକ୍ରମ ରାଉତ, ଅନୁଗୋଳ ଏଏପି ସଭାପତି ପ୍ରଦୀପ ସାହୁ, ଉପସଭାପତି ପ୍ରସାଦି ବେହେରା, ସୁବ୍ରତ ସାହୁ, ପ୍ରଦୀପ ପ୍ରଧାନ ଯୋଗ ଦେଇଥିଲେ। ଦିଲ୍ଲୀ ଓ ପଞ୍ଜାବରେ ଏଏପି ସରକାର ଗଠନ ହୋଇଥିବାବେଳେ ସେଠିକାର ଲୋକଙ୍କୁ ଅନେକ ସୁବିଧା ଯୋଗାଇ ଦିଆଯାଉଥିବା ଏଏପି ପକ୍ଷରୁ ସଚେତନ କରାଯାଇଥିଲା।

## ମା'ମାନେ ଛାତ୍ରୀଛାତ୍ରଙ୍କ ପ୍ରକୃତ ଗୁରୁ



ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

କଣିହାଁ,୧୮।୨(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ଅନ୍ତର୍ଗତ ବିଜିଗୋଳ ଇଂଲିଶ ମାଧ୍ୟମ ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ତଥା ସଭାପତି ଦତ୍ତ କୁମାର ସିଂହ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. କରୁଣାକର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଗାଳ୍ପିକ ସିଦ୍ଧିପ୍ରସାଦ ସାହୁ, ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗୁଲୁ ପ୍ରଧାନ, ଖବରଦାତା ରଞ୍ଜନ ମିଶ୍ର, ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଜିଲା ସଂଯୋଜକ ସୁମନ୍ତ କୁମାର ବିଶ୍ୱାଳ, ଚାଙ୍ଗୁଡ଼ିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାପତି ଜଗବନ୍ଧୁ ପ୍ରଧାନ ଯୋଗ ଦେଇଥିଲେ। ମା'ମାନେ ଛାତ୍ରୀଛାତ୍ରଙ୍କ ପ୍ରକୃତ ଗୁରୁ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ସେହିପରି ସୃଜନଶକ୍ତିର ବିକାଶ ଦିଗରେ ଛାତ୍ରୀଛାତ୍ରମାନେ ଉଦ୍ୟମ କରନ୍ତୁ ବୋଲି ମୁଖ୍ୟବକ୍ତା ମତପ୍ରକାଶ କରିଥିଲେ। ବିଦ୍ୟାଳୟ ସଭାପତି ସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜମିରେ ମିଶିଲା ଆଶପଣ୍ଡ ପାଉଁଶ ପାଣି

କଣିହାଁ,୧୮।୨(ସଚ୍ଚିଦାନନ୍ଦ ପ୍ରଧାନ)



କଣିହାଁ ବ୍ଲକସ୍ଥିତ ଏନ୍‌ଟିପିସି ପ୍ରକଳ୍ପର ଷ୍ଟେଜ ୱାନର ଏକ ଆଶ ପାଇପ୍ ରବିବାର ମର୍ଶୁଣିହତା ଗ୍ରାମ ନିକଟରେ ଫାଟି ଯାଇଥିଲା। ଫଳରେ ପାଉଁଶ ପାଣି ଅନେକ ଚାଷ ଜମିକୁ ମାଡ଼ିଯିବାସହ ଟିକିରା ନଦୀରେ ପ୍ରବେଶ କରିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

## ଅଲେଖ ମହିମା ଅଖଣ୍ଡ ଧୁନି କାର୍ଯ୍ୟକ୍ରମ

କଣିହାଁ,୧୮।୨ (ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା ତାଳଚେର ନିର୍ବାଚନ ମଣ୍ଡଳୀ କଣିହାଁ ବ୍ଲକ ଗଦାଶିଳା ଗ୍ରାମରେ ଶନିବାର ଅଲେଖ ମହିମା ଅଖଣ୍ଡ ଧୁନି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ୯ ନଂ. ଜୋନ୍ କାର୍ଯ୍ୟକାରୀ ସଭାପତି ସୁନୀଲ ପ୍ରଧାନ, ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସେହିପରି ବିଜିଗୋଳ କଂସମୁଣ୍ଡା ଇତ୍ୟାଦି ଅନେକ ଗ୍ରାମରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ସହିତ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟଙ୍କ ସହିତ ନିର୍ବାଚିତ ପ୍ରତିନିଧିମାନେ ଯୋଗ ଦେଇଥିଲେ।


ଅଲେଖ ମହିମା ଅଖଣ୍ଡ ଧୁନି କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

## ରାମମନ୍ଦିର ଭୂମିପୂଜା ପାଇଁ ପ୍ରସ୍ତୁତି ବୈଠକ

ବଇଣ୍ଡା,୧୮।୨(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ଖାଲପାଳ ଗ୍ରାମରେ ନୂତନ ରାମମନ୍ଦିର ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ସୋମବାର ଭୂମିପୂଜା କରାଯିବ। ଏ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରମୋଦ କୁମାର ଦେଓ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ଚିତ୍ତ ରଞ୍ଜନ ବେହେରା, ଯୋଗେଶ୍ୱର ପ୍ରଧାନ, ମନୋଜ ବେହେରା, ପରମା ପ୍ରଧାନ, ପରମା ସାହୁ, ନରୋତ୍ତମ ପ୍ରଧାନ, ମନ୍ଥନ ପ୍ରଧାନ, ରଞ୍ଜନ ବେହେରାଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। କିଭଳି ଧୁମଧାମରେ ଭୂମିପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ୧୭୭ ଛାତ୍ରୀଛାତ୍ର ଦେଲେ ପରୀକ୍ଷା

ମାଧପୁର,୧୮।୨(ମନୋଜ ପ୍ରଧାନ)/ଆଠମଲ୍ଲିକ,(ଉଦୀପ୍ତ ପୁରୋହିତ)




ପରୀକ୍ଷା ପୂର୍ବରୁ ଚାପରେ ଥିବା ପରୀକ୍ଷାର୍ଥୀଙ୍କୁ ଚାପମୁକ୍ତ କରିବାକୁ ପ୍ରୟାସ କରିଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)। ଶନିବାର କଳା ଓ ବାଣିଜ୍ୟ ବିଭାଗର ପରୀକ୍ଷା ଆରମ୍ଭ ହୋଇଥିବାବେଳେ ମାଧପୁର ସ୍ଥିତ ସତ୍ୟବାଦୀ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏବିଭିପି କାର୍ଯ୍ୟକର୍ତ୍ତାମାନେ ପରୀକ୍ଷାର୍ଥୀଙ୍କୁ ଫୁଲ ଚନ୍ଦନ ଦେଇ ଶୁଭେଚ୍ଛା ଜଣାଇଥିଲେ। ପରୀକ୍ଷାର୍ଥୀଙ୍କ ମନରୁ ଚାପ ହ୍ରାସ ଏବଂ ମନୋବଳ ବୃଦ୍ଧି କରିବା ପାଇଁ ଏପରି କାର୍ଯ୍ୟକ୍ରମ କରାଯାଉଥିବା ଏବିଭିପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉମେଶ ବାଘ ପ୍ରକାଶ କରିଛନ୍ତି। ମାଧପୁର ସତ୍ୟବାଦୀ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ସମୁଦାୟ ୧୧୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବିଦ୍ୟାଳୟର ଅଧ୍ୟକ୍ଷ ବୈଦ୍ୟନାଥ ସାହୁ ସୂଚନା ଦେଇଛନ୍ତି। ସେହିପରି ଆଠମଲ୍ଲିକ ମହାବିଦ୍ୟାଳୟରେ ଶୁକ୍ରବାର ବିଜ୍ଞାନ ବିଭାଗର ଯୁକ୍ତ ଦୁଇ ପରୀକ୍ଷାର ପ୍ରଥମ ଦିନରେ ମାତୃଭାଷା ଓଡ଼ିଆ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ମୋଟ୍ ୫୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସୁପରିଣ୍ଟେଣ୍ଡେଣ୍ଟ ଭାବେ ଅଧ୍ୟାପକ ବ୍ରଜଗୋପାଳ ମିଶ୍ର, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଭାବେ ଅଧ୍ୟାପିକା ସିଲିଭା ସାହୁ, ପର୍ଯ୍ୟବେକ୍ଷକ ଭାବେ ସୁବାସ ଚନ୍ଦ୍ର ରଥ ଦାୟିତ୍ୱ ତୁଲାଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ପୋଲିସ ନିୟୋଜିତ ହୋଇଥିଲେ।

## ପରିଷ୍କାର ପରିଚ୍ଛନ୍ନତା ଉପରେ ଅଧିକ ଗୁରୁତ୍ୱ

**ବଅଁରପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ବିଭାଗର ୩ ଜଣିଆ ଟିମ୍**

ଅନୁଗୋଳ,୧୮।୨(ଅମିତ ସାମଲ)




ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ୩ ଜଣିଆ ଟିମ୍ ଶନିବାର ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲା। ଏହି ଟିମ୍‌ରେ ଡାକ୍ତର ଶୁଭ୍ରଜ୍ୟୋତି ରାଓ, ସ୍ୱାସ୍ଥ୍ୟ ପରାମର୍ଶଦାତା ବସନ୍ତ କୁମାର ସାହୁ ଓ ସମରେଶ୍ୱର ସାହୁ ସାମିଲ ଥିଲେ। ପ୍ରଥମେ ଟିମ୍‌ର ସଦସ୍ୟମାନେ ମେଡ଼ିକାଲରେ ପହଞ୍ଚି ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା ଏବଂ ପରିମଳ ସମ୍ବନ୍ଧୀୟ କାର୍ଯ୍ୟର ତଦାରଖ କରିଥିଲେ। ଏପରିକି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ସମସ୍ତ ରୋଗୀଙ୍କୁ କିଭଳି ଉତ୍ତମ ସେବା ମିଳିବ ସେ ନେଇ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ପରେ ଟିମ୍‌ର ସଦସ୍ୟମାନେ ନିରାମୟ ଔଷଧ କେନ୍ଦ୍ର, ରକ୍ତନମୁନା, ଶୌଚାଳୟ, ଫୁଲ ବଗିଚା, ଔଷଧୀୟ ଉଦ୍ୟାନ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବର୍ଜ୍ୟବସ୍ତୁ ପରିଚାଳନା ଗୁଡିକ ବୁଲି ଦେଖିବା ସହ ପରିଷ୍କାର, ପରିଚ୍ଛନ୍ନତା ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ। ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳକ ଗୁଣବତ୍ତା ନିଶ୍ଚିତତା ଉପପରିଚାଳକ ବ୍ରତୀନ କୁମାର ପ୍ରଧାନ, ଆୟୁଷ ଡାକ୍ତର ମାନସ କୁମାର ବେହେରା, ବିପିଏମ୍ ଆରତୀ ସାହୁ, ପିଏଚଇଓ ପୁଷ୍ପଲତା ପ୍ରଧାନଙ୍କ ସମେତ ଅନୁଷ୍ଠାନର ସମସ୍ତ ଡାକ୍ତର, ଫାର୍ମାସିଷ୍ଟ, ଷ୍ଟାଫନର୍ସ, ଆଟେଣ୍ଡାଣ୍ଟ ଓ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

